# Akashvani, Sambalpur

# SAMBALPURI NEWS BULLETIN

## 11 March 2025- 6.47- 6.52 am.

*********************************************

ରେଳବାଇ ବିଧେୟକ୍ ପିଆଇବି

ଭାରତୀୟ ରେଲ୍‌ର ପରିଚାଲ୍‌ନାକେ ଆଧୁନିକ୍ ଆଉ ସୁସଂଗଠିତ୍ କର୍‌ବାର୍ ଲକ୍ଷ୍ୟଥି ଐତିହାସିକ୍ ରେଲ୍ ସଂଶୋଧନ୍ ବିଧେୟକ୍-୨୦୨୫ ଗଲାକାଏଲ୍ ରାଜ୍ୟ ସଭାନ ପାରିତ୍ ହେଇଯାଇଛେ । ନୂଆ ରେଲ୍ ବିଧେୟକ୍ ବାବଦ୍ ଆଲୋଚନାଥି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଭାଗ୍ ନେଇକରି କହିଛନ୍, ଇ ବିଧେୟକ୍ ରେଲ୍‌ବାଇକେ ଶକ୍ତିଶାଳୀ କର୍‌ବାର୍ ସହେତେ ଦକ୍ଷତା ବଢ଼ାବା ଆଉ ସହଯୋଗୀ ସଂଘବାଦ୍‌କେ ବର୍‌କସ୍ କର୍‌ବା । ନୂଆ ରେଳବାଇ ଆଇନ୍ କାର୍ଯ୍ୟକାରୀ ହେଲେ ରେଲ୍‌ବାଇର ଦୁଇଟା ଆଇନ୍ ବଦ୍‌ଲେ ଖାଲି ଗୁଟେ ଆଇନ୍ ରହେବା । ରେଲ୍ ବୋର୍ଡ, ଜୋନ୍, ଡିଭିଜନ୍, ଉତ୍ପାଦନ୍ ୟୁନିଟ୍‌ର ପ୍ରକୃତି, ପରିସର୍ ଆଉ କାର୍ଯ୍ୟକାରିତା ସମାନ୍ ରହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଡିସେମ୍ବର ୧୧ ତାରିଖ୍ ରେଳବାଇ ସଂଶୋଧନ୍ ବିଲ୍ ୨୦୨୪ ଲୋକ ସଭାନ ପାରିତ୍

ହେଇଥିଲା । ଇତାକେ ଗଲାକାଏଲ୍ ରାଜ୍ୟସଭାନ ରେଲ ସଂଶୋଧନ୍ ବିଲ୍ ୨୦୨୫ ଭାବେ ଆଗତ୍ କରାଯାଇଥିଲା । ଭିନ୍ ଭିନ୍ ଦଲର୍ ସାଂସଦ୍ମାନଙ୍କର ଭିତ୍ରେ ବିତର୍କ ଉତ୍ରୁ ରାଜ୍ୟସଭାନ ଇ ବିଧେୟକ୍ ପାରିତ୍ ହେଇଥିଲା ।

ଲକ୍ଷପତି ଦିଦି କର୍ମଶାଳା I&PR

ରାଏଜର ସବୁ ଜିଲ୍ଲାନ ଆଏଜ୍ଠାନୁ ଲକ୍ଷପତି ଦିଦି କର୍ମଶାଳା ମୁଲ୍ ହଉଛେ । କେନ୍ଦ୍ର ସରକାରଙ୍କର୍ ସହଭାଗିତାଥି ଓଡ଼ିଶା ଜୀବିକା ମିଶନ୍ ଜରିଏ ରାଜ୍ୟ ସରକାର ଇ ଯୋଜ୍ନା କାର୍ଯ୍ୟକାରୀ କରୁଛନ୍ । ଲକ୍ଷପତି ଦିଦି କାର୍ଯ୍ୟକ୍ରମ୍କେ ମିଶନ୍ ମୋଡ୍ଥି କାର୍ଯ୍ୟକାରୀ କରିବାର୍କେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ । ଇ କର୍ମଶାଳାଥି ଫି ଜିଲ୍ଲାର କମ୍ୟୁନିଟି ସର୍ପୋଟ୍ ଷ୍ଟାଫ୍, ଲକ୍ଷପତି ଦିଦି ଆଉ ସମ୍ଭାବ୍ୟ ଲକ୍ଷପତି ଦିଦିମାନେ ଯୋଗ୍ଦେବେ ।

ବାଲି ମାଫିଆ ଚଢ଼ଉ I&PR

ବାଏଲ୍ ଚୁରି ମାଫିଆଙ୍କର୍ ବିରୋଧିନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କର୍ ନିର୍ଦ୍ଦେଶ୍ ଉତ୍ରୁ ସାରା ରାଏଜେ ଜୋର୍ଦାର୍ ଚଢ଼ଉ ଜାରି ରହିଛେ । ଭିନ୍ ଭିନ୍ ଜିଲ୍ଲାର୍ ପୁଲିସ୍ର ଖାସ୍ ଟିମ୍ ଗଲାକାଏଲ୍ ୯୧ଟା ବାଏଲ୍ ବୁଝେଇ ଟ୍ରକ୍, ଟ୍ରାକ୍ଟର, ହାଇୱା ଗାଡ଼ି ଜବତ କରିଛେ । ଇତାର ସହେତେ ୮୭ଟା ମାମଲା ରୁଜୁ କରାଯାଇଥିବାର୍ ବେଲେ ୯୬ ଝନ୍କୁ ଗିରଫ କରାଯାଇଛେ ।

ଗଲା ୩ ଦିନ୍ ଭିତ୍ରେ ଲଗାତର୍ ଚଢ଼ଉ କରି କରି ପୁଲିସ୍ ୩ ଶହ ୪୪ଟା ବାଏଲ୍ ବୁଝେଇ ଗାଡ଼ି ଜବତ୍ କର୍ବାର୍ ସହେତେ ୩୦୭ ଝନ୍ଙ୍କୁ ଗିରଫ୍ କରିଛେ । ସେନ୍ତା ରାଏଜର୍ ଭିନ୍ ଭିନ୍ ଥାନାନ ଇବାବ୍ଦେ ୨ଶହ ୮୭ଟା ମାମଲ ରୁଜୁ ହେଇଛେ ।

କୃଷିମନ୍ତ୍ରୀ ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ ସମ୍ମିଳନୀ କକ୍ଷଠାନେ କୃଷି ଆଉ କୃଷକ୍ ସଶକ୍ତୀକରଣ ବିଭାଗ୍ର ଭିନ୍ ଭିନ୍ କାମ୍ର ସମୀକ୍ଷା କରିଛନ୍ । ବୈଠକ୍ଥି ଖାସ୍ କରି ଜନଜାତି

ବର୍ଗର୍ ଚାଷୀମାନଙ୍କୁ ପିଏମ୍ କିଷାନ୍ ଆଉ ସିଏମ୍ କିଷାନ୍ ଯୋଜ୍ନାଥି ସାମିଲ୍ କର୍ବାର୍କେ ଉପମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ । ଇତାର୍ ସହେତେ ସିଏମ୍ କିଷାନ୍ ଯୋଜ୍ନାର ହିତାଧିକାରୀମାନଙ୍କୁ ଇ-କେଓ୍ବାଇସି କରବାର୍ ଲାଗି ପରାମର୍ଶ ଦେଇଛନ୍ ।

ମାଟ୍ରିକ୍ ଖାତାଦେଖା ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା ଆଉ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାର୍ ଖାତାଦେଖା ଆଏବା ୧୯ ତାରିଖ୍ନୁ ମୁଲ୍ ହେବା । ୫୧ଟା କେନ୍ଦ୍ରନ ଖାତାଦେଖା ଲାଗି ୧୧ ହଜାର ୮ ଶହ ଝନ୍ ଶିକ୍ଷକ୍ ନିୟୋଜିତ୍ ହେଇଛନ୍ । ସେନ୍ତା ମାର୍କ ଅପ୍ଲୋଡ୍ ଲାଗି ୩ ଶହ ଝନ୍ ଡାଟା ଏଂଟ୍ରି ଅପରେଟର୍ଙ୍କୁ ଭିଲ୍ ନିୟୋଜିତ୍ କରାଯାଇଛେ ବଲି ବୋର୍ଡ କର୍ତ୍ତୃପକ୍ଷ ସୂଚ୍ନା ଦେଇଛନ୍ ।

ହୋଲି ଟ୍ରେନ୍ ପିଆଇବି

ହୋଲି ବେଲ୍‌କେ ଯାତ୍ରୀମାନଙ୍କର ସମ୍ଭାବ୍ୟ ଭିଡ଼କେ ନଜର୍‌ଥି ରଖିକରି ପୂର୍ବତଟ୍ ରେଲ୍‌ପଥ୍ ୩ଟା ଖାସ୍ ଟ୍ରେନ୍ ଚଲାବାର୍‌କେ ନିଷ୍ପତି ନେଇଛେ । ଇ ତିନ୍‌ହି ହୋଲି ସ୍ପେସାଲ୍ ଟ୍ରେନ୍ ଭୁବନେଶ୍ୱର-ଚେର୍ଲାପଲି, ପୁରୀ-କୋଲ୍‌କାତା ଆଉ ବିଶାଖାପାଟ୍‌ନମ୍-ବେଙ୍ଗଲୁରୁ ଭିତ୍‌ରେ ଚଲାଚଲ୍ କର୍‌ବା ।

ବିଦ୍ୟୁତ୍ କାଟ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରକ୍ କମ୍ପାନୀ ଟପିଡବ୍ଲ୍ୟୁଓଡିଏଲ୍ ତର୍‌ଫୁ ୧୩୨-୩୩ କେଭି ସମ୍ବଲପୁର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ରେଦ୍‌ରେଖ୍ ଲାଗି ଆଏଜ୍ ସହରର ଭିନ୍ ଭିନ୍ ଇଲାକାନ ବିଦ୍ୟୁତ୍ ଯୋଗାଣ ବନ୍ଦ ରହେବା । ଅଏଁଠାପାଲି, ଜଗନ୍ନାଥ କଲୋନୀ, ଏସ୍‌ଆର୍‌ଆଇଇଟି, ବୁଢ଼ାରଜା, ଶାନ୍ତିନଗର, ଚେରୁଆପଡ଼ା, ଝାଡୁଆପଡ଼, ନନ୍ଦପଡ଼, ମୁଦିପଡ଼, ବାଲିବନ୍ଧା, ଦୁର୍ଗାପାଲି, ଫାର୍ମ ରୋଡ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ଷେତରାଜପୁର ଇଲାକାନ ସଖାଲର ୭ନୁ ୧୧ ବଜେତକ୍ ଲାଇନ୍ ଯିବା ।

ଭିମ୍‌ସାର୍ କର୍ମଶାଳା        ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ଭିମ୍ସାର ଏମ୍ଆର୍ୟୁ ବିଭାଗ୍ନ ଦୁଇଦିନିଆ ଆଣବିକ୍ ପରୀକ୍ଷା ପଦ୍ଧତି ଉପ୍ରେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ୭୦ ଝନ୍ ଯୋଗ୍ ଦେଇକରି ପିସିଆର୍ ଯନ୍ତ୍ର ଜରିଏ ରୋଗ୍ ଚିହ୍ନବାର ଭିନ୍ ଭିନ୍ କୌଶଲ୍ ବାବ୍‌ଦେ ବୈଜ୍ଞାନିକ୍‌ମାନଙ୍କରଠାନୁ ପ୍ରଶିକ୍ଷଣ୍ ନେଇଥିଲେ ।

ପ୍ରବାସୀ ଶ୍ରମିକ୍ ନିରାକରଣ୍ ସଚେତନ୍‌ତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡେନ୍ ବ୍ଲକ୍ କରଙ୍ଗାମାଲ୍ ପଂଚାୟତ୍‌ନ ପ୍ରବାସୀ ଶ୍ରମିକ୍ ନିରାକରଣ୍ ସଚେତନ୍‌ତା ସଭା ହେଇଯାଇଛେ । ଜିଲ୍ଲପାଳ ମଧୁସୂଦନ୍ ଦାସ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ନିଜର ଗାଁନ କାମ୍ କରି କରି ରୋଜ୍‌ଗାର କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ପଂଚାୟତ୍‌ର ୩ଟା ପରିବାର ମନରେଗା ଯୋଜ୍‌ନାଥି ୩ ଶହ ଦିନ୍‌ନୁ ଅଏତ୍‌କା ଶ୍ରମଦାନ୍ କରି କରି ଲକ୍ଷପତି ହେଇଥିବାର୍‌ନୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସମ୍ମାନୀତ୍ କରଯାଇଥିଲା । ଲେସୁନ୍‌ପାଲି ଗାଁର୍ ୧୩ଝନ୍ ଆଦିବାସୀ ପରିବାରକେ ଇ ଅବ୍‌ସରେ ପ୍ରଶାସନ୍ ତର୍‌ଫୁ ଜମି ପଟ୍ଟା ଭିଲ୍ ବଂଟା ଯାଇଥିଲା ।

ଅଭିଯୋଗ ଶୁଣାଣି   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡେନ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷଠାନେ ଜିଲ୍ଲାପାଳଙ୍କର ଅଭିଯୋଗ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍‌ଥି ୨୯ଟି ଅଭିଯୋଗର ଶୁଣାଣି କରି କରି ସମାଧାନ ଲାଗି ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ଆଏବା ହପ୍ତାଥି ପଶ୍ଚିମ ଓଡ଼ିଶାର୍ ସବୁ ଇଲାକା ନ ଦିନର୍ ତାତି ୪୦ ଡିଗ୍ରୀ ପାର୍ କର୍‌ବା । ଇ ସମିଆଥି ରାଜ୍ୟର୍ ସବୁ ଜାଗାନ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବା, ହେଲେ ରାତିର୍ ତାପମାତ୍ରା ନାଇଁ ବଦ୍‌ଲେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୯ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।